# ଶିକ୍ଷା ଓ ଅନୁସନ୍ଧାନ କ୍ରିକେଟ: ଏସ୍ଏଚ୍ଏମ୍ ଚାମ୍ପିଅନ୍



ଭୁବନେଶ୍ୱର, ୮।୩ (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଏକ ବିଜୟ ଉଲ୍ଲାସ ପରିବେଶ ମଧ୍ୟରେ ଏସ୍ଓଏ ଷ୍ଟାଡ଼ିୟମ୍‌ରେ ଉଦ୍‌ଯାପିତ ହୋଇଯାଇଛି । ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱବିଦ୍ୟାଳୟର ଆଇଏମ୍ଏସ୍, ଏସ୍‌ପିଏସ୍, ଆଇଡ଼ିଏସ୍, ଏସ୍ଏଚ୍ଏମ୍, ଆଇଟିଇଆର୍ ଏବଂ ଆଇବିସିଏସ୍ ଭଳି ୬ଟି ବିଭିନ୍ନ ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ୍ ମ୍ୟାଚ୍ ଆଇଟିଇଆର୍ ଏବଂ ଏସ୍ଏଚ୍ଏମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ ଆଇଟିଇଆର୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ପୂର୍ବରୁ ସମସ୍ତ ୱିକେଟ୍ ହରାଇ ୧୧୮ ରନ୍ କରିଥିଲେ । ଏହାର ଜବାବ୍‌ରେ ଏସ୍ଏଚ୍ଏମ୍ ଦଳ ୪ ୱିକେଟ୍ ହରାଇ ୧୨୧ ରନ୍ କରି ବିଜୟୀ ହୋଇଥିଲେ । ଏହି ଫାଇନାଲ୍ ମ୍ୟାଚ୍‌ରେ ସୌମ୍ୟରଂଜନ ପ୍ରହରାଜ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ସୌମ୍ୟ ରଥ ମ୍ୟାନ୍ ଅଫ୍ ଦି ସିରିଜ୍, ମନୋଜ ସାହୁ ବେଷ୍ଟ ବ୍ୟାଟ୍ସମ୍ୟାନ୍ ଏବଂ ସୌମ୍ୟରଂଜନ ରଥ ବେଷ୍ଟ ବୋଲର ପୁରସ୍କାର ଲାଭ କରିଥିଲେ । ଏହି ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏସନର ସଭାପତି ତଥା ମୁଖ୍ୟଅତିଥି ରଞ୍ଜୀବ ବିଶ୍ୱାଳ ଚାମ୍ପିଅନ୍ ଦଳ, ରନର୍ସଅପ୍ ଦଳ ଏବଂ ଅନ୍ୟ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଉତ୍ସବରେ ଡକ୍ଟର ମାନସ ମଲ୍ଲିକ, ପ୍ରଫେସର ଜେସି ମିଶ୍ର, ପ୍ରଫେସର ପି.କେ. ସ୍ୱାଇଁ, ପ୍ରଫେସର ଆର୍‌କେ ହୋତା, ଅଧ୍ୟାପକ ଜ୍ୟୋତିରଂଜନ ଦାସ, ଅଧ୍ୟାପକ ଅଜୟ ମହାପାତ୍ର, ଦେବାଶିଷ ସାହୁ ଏବଂ କ୍ରୀଡ଼ା ଅଧିକାରୀ ରଂଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ ଓଡ଼ିଶା କ୍ରିକେଟ ଆସୋସିଏସନର ଅମ୍ପାୟାର ପବିତ୍ର ପ୍ରଧାନ ଏବଂ ବିଭୁ ଶତପଥୀ । ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀମାନେ ଏହି ରୋମାଞ୍ଚକର ଫାଇନାଲ୍ ମ୍ୟାଚ୍‌କୁ ମନଭରି ଉପଭୋଗ କରିଥିଲେ ।